# ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ


ଢେଙ୍କାନାଳ (ଓଡିଶା),ପିନ କୋଡ -୭୫୯୦୦୧

ଇ –ମେଲ : dhenkanalm.hud@gmail.com


ପତ୍ର ସଂଖ୍ୟା - ୨୧୭୫ ତା ..୧୯.୮.୨୫..ରିଖ

## ନିଲାମ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଯାଯାଉଅଛି କି ଯେ, ଢେଙ୍କାନାଳ ପୌରପାଳିକା ଅଧୀନରେ ଥିବା ରାସ୍ତାକଡ ବିକ୍ରି ଉତ୍ସଟିକୁ ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬, ( ତା ୦୧/୦୯/୨୦୨୫ ଠାରୁ ୩୧/୦୮/୨୦୨୬ ) ଆର୍ଥିକ ବର୍ଷ ନିମନ୍ତେ, ଉର୍ଦ୍ଧିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ପଟ୍ଟାଦାରି ନିମନ୍ତେ ଆଗ୍ରହୀ ବ୍ୟକ୍ତି/ ସଂସ୍ଥାଠାରୁ ମୁଦ୍ରବନ୍ଦ ଟେଣ୍ଡର ଆହ୍ୱାନ କରାଯାଉଛି, ଟେଣ୍ଡର ଦାଖଲ ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ ସଂସ୍ଥା ଆସନ୍ତା ତା.୨୬/୦୮/୨୫ରିଖ ଅପରାହ୍ନ ୫ (ପାଞ୍ଚ ) ଘଟିକା ସୁଦ୍ଧା ପୌର କାର୍ଯ୍ୟାଳୟରୁ ଟଂ ୩,୦୦୦.୦୦ ( ତିନି ହଜାର ) ଙ୍କାର ଟେଣ୍ଡର ପେପର କ୍ରୟ କରି ସେମାନଙ୍କର ଟେଣ୍ଡର ଅର୍ପଣ କରିପାରିବେ | ଉପରୋକ୍ତ ଟେଣ୍ଡର ଆସନ୍ତା ତା.୨୭/୦୮/୨୫ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ପୌରପାଳିକାର ଟେଣ୍ଡର କମିଟି ସମୁଖରେ ଖୋଲାଯିବ | ଏହି ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ | ଯଦି କୌଣସି ଟେଣ୍ଡର ଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ, ତେବେ ମଧ୍ୟ ଉପରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି |

| କ୍ର. ନଂ . | ଉତ୍ସର ନାମ | ସମୟ ଅବଧୀ | ସର୍ବନିମ୍ନ ମୂଲ୍ୟାଙ୍କନ ଟଙ୍କାରେ | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|
| ୧. | ରାସ୍ତାକଡ ବିକ୍ରି | ୧ବର୍ଷ(ତା୦୧/୦୯/୨୦୨୫ ଠାରୁ ତା ୩୧/୦୮/୨୦୨୬ ପର୍ଯ୍ୟନ୍ତ ) | ୧୨,୨୪,୦୮୦.୦୦/- | |

ନିର୍ବାହୀ ଅଧିକାରୀ

ଢେଙ୍କାନାଳ ପୌରପାଳିକା

## ସର୍ତ୍ତାବଳୀ

୧. ଉପରୋକ୍ତ ଉତ୍ସଟି ଆଗାମୀ ୧(ଏକ) ବର୍ଷ ୨୦୨୫-୨୬( ତା ୦୧/୦୯/୨୦୨୫ ଠାରୁ ୩୧/୦୮/୨୦୨୬ ) ନିମନ୍ତେ ପଟ୍ଟାଦାରି ପାଇଁ ଇଚ୍ଛୁକ ଟେଣ୍ଡରଦାତା ମାନେ ସେମାନଙ୍କର ସର୍ବୋଚ ମୂଲ୍ୟ ଲିପିବଦ୍ଧ କରି ଟେଣ୍ଡର ପେପର କ୍ରୟ କରିଥିବା ରସିଦ ଏଥି ସହିତ ଦାଖଲ କରିବା ହେବେ | ନଚେତ ତାଙ୍କର ଟେଣ୍ଡର ଗ୍ରାହଣଯୋଗ୍ୟ ହେବ ନାହିଁ |

୨. ପୌରକର୍ତ୍ତୃପକ୍ଷ ଦ୍ୱାରା ଟେଣ୍ଡର ଗ୍ରହଣ ହେଲାପରେ ସର୍ବୋଚ ନୀଳମଧାରୀ ସାତ ଦିନ ମଧ୍ୟରେ ଏକକାଳୀନ ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫଟ ମାଧ୍ୟମରେ ଦାଖଲ କରିବେ| ପ୍ରଥମ ନୀଳମଧାରୀ ସାତ ଦିନ ମଧ୍ୟରେ ଚୁକ୍ତିନାମା ପୂର୍ବରୁ ଏକକାଳୀନ ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫଟ ମାଧ୍ୟମରେ ଦାଖଲ କରିବେ | ପ୍ରଥମ ନୀଳମଧାରୀ ସାତ ଦିନ ମଧ୍ୟରେ ଉକ୍ତ ସ୍ଥିରୀକୃତ ଅର୍ଥ ଦାଖଲ ନକଲେ ଦ୍ୱିତୀୟ ନୀଳମଧାରୀଙ୍କୁ ଟେଣ୍ଡର ନେବା ନିମନ୍ତେ ଆହ୍ୱାନ କରାଯିବ |

୩. ପୌରପାଳିକାରେ ପୂର୍ବରୁ ପଟ୍ଟାନେଇଥିବା ବ୍ୟକ୍ତି/ ସଂସ୍ଥା ଯଦି ପୌରପାଳିକାର ପୂର୍ବୋକ୍ତ ନିଲାମ ରାଶି ପଇଠ କରିବାରେ ଅବହେଳା କରିଥିବେ ତେବେ ସେପରି ବ୍ୟକ୍ତି/ ସଂସ୍ଥା ଉକ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ | ଯଦି ଏହାକୁ ଉଲଂଘନ କରାଯାଏ ତେବେ ପ୍ରଦତ୍ତ ଟେଣ୍ଡରକୁ ତକ୍ଷଣ ରଦ୍ଦ କରାଯିବା |

୪.ଆଗ୍ରହୀ ଟେଣ୍ଡର ଦାତାମାନେ ସେମାନଙ୍କର ସର୍ବୋଚ ମୂଲ୍ୟ ଲିପିବଦ୍ଧ ଥିବା କାଗଜାତ ରେଜିଷ୍ଟ୍ରି ଡାକ କିମ୍ବା ସ୍ପୀଡପୋଷ୍ଟ ଡାକ ଯୋଗେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପହଞ୍ଚାଇବା ହେବେ | ନିର୍ଦ୍ଧାରିତ ସମୟପରେ କୌଣସି ଟେଣ୍ଡର ଗ୍ରହଣଯୋଗ୍ୟ ହେବନାହିଁ କିମ୍ବା ଡାକଯୋଗେ ବିଳମ୍ବିତ ପ୍ରକ୍ରିୟା ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ |

୫. ଟେଣ୍ଡର ଲଫାଫା ଉପରେ ଟେଣ୍ଡରଦାତା ମାନେ ଯେଉଁ ଉତ୍ସ ନିମନ୍ତେ ଟେଣ୍ଡର ପକାଉଥିବେ, ତାହା ସ୍ପଷ୍ଟଭାବେ ଉଲ୍ଲିଖିତ କରିବା ହେବେ |

୬. ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇ ସର୍ବୋଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି କିମ୍ବା ସଂସ୍ଥାକୁ ଆଗାମୀ ୧(ଏକ) ୨୦୨୫-୨୬, ଆର୍ଥିକ ବର୍ଷ ତା ୦୧/୦୯/୨୦୨୫ ଠାରୁ ୩୧/୦୮/୨୦୨୬ ନିମନ୍ତେ ପଟ୍ଟା ଦେବାକୁ ବିଚାର କରାଯାଇପାରେ |

୭. ସର୍ବୋଚ ଟେଣ୍ଡରଦାତା ପଟ୍ଟା ପାଇବାପରେ ଭାରତ ସରକାର ଓ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳିକୁ ସମୁଚିତଭାବେ ପାଳନ କରିବା ହେବେ, ନଚେତ ଏଥି ନିମନ୍ତେ ପୌରକର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ |

୮. ଯଦି ପୌରକର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତ ପଟ୍ଟାଦାରି ଉତ୍ସର ଆବଶ୍ୟକତା ଉପଲବ୍ଧ ହୁଏ ତେବେ, ସର୍ବୋଚ ନିଲାମଧାରୀଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରାଶିକୁ ବିନାସୁଧରେ ଫେରସ୍ତ କରାଯାଇ ଉତ୍ସଟିକୁ କର୍ତ୍ତୃତ୍ୱାଧୀନ କରାଯିବ |

୯. ସର୍ବୋଚ ଟେଣ୍ଡର ମୂଲ୍ୟକୁ ଗ୍ରହଣ କରାଯିବ ପାଇଁ ପୌରକର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି | କୌଣସି କାରଣ ନଦର୍ଶାଯାଇ ଯେ, କୌଣସି ଟେଣ୍ଡର କିମ୍ବା ସମସ୍ତ ଟେଣ୍ଡରକୁ ରଦ୍ଦ କରାଯିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ଠାରେ ରଖାଯାଇଛି | ଏଥିନିମନ୍ତେ କୌଣସି କୈଫିୟତ ପ୍ରଦାନ କରାଯିବାର ବ୍ୟବସ୍ଥା ନାହିଁ |

୧୦. କୌଣସି ପରିସ୍ଥିତିରେ ସର୍ବୋଚ ନିଲାମ ଟେଣ୍ଡର ପୌରପାଳିକା ତରଫରୁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟାଙ୍କନ ଠାରୁ କମ ଗ୍ରହଣ ଯୋଗ୍ୟ ହେବ ନାହିଁ |

୧୧. ପୌରପରିଷଦ ଦ୍ୱାରା ନିର୍ଦ୍ଧାରିତ ହାରରେ ରାସ୍ତାକଡ ବିକ୍ରି ପଙ୍ଗାଦାର ଅସୁଲ କରିବେ | ଏହାଠାରୁ ଅଧିକ ଦରରେ ମହସୁଲ ଆଦାୟ କରିବେ ନାହିଁ | ଯଦି ସ୍ୱଇଛାରେ ଉକ୍ତ କାର୍ଯ୍ୟରୁ ନିବୃତ୍ତ ରୁହନ୍ତି, ଏଥିପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ କିମ୍ବା ତାଙ୍କର ବକେୟା ରାଶି ଫେରସ୍ତ ପାଇଁ ଦାବି କରିପାରିବେ ନାହିଁ |

ଅଧିକ ଜାଣିବା ନିମନ୍ତେ ଢେଙ୍କାନାଳ ମ୍ୟୁନିସିପାଲିଟି ୱେବସାଇଟ | www.dhenkanalmunicipality.com ରେ ଦେଖନ୍ତୁ |

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା 3179 ତା 17.8.25

ଏହାର ଏକକିତା ନକଲ ଜିଲ୍ଲାପାଳ, ଢେଙ୍କାନାଳଙ୍କ/ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଢେଙ୍କାନାଳ ଓ ପ୍ରକଳ୍ପ ଅଧିକାରୀ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ପି .ଡି. (ଡୁଡା), ଢେଙ୍କାନାଳ/ ଉପ- ଜିଲ୍ଲାପାଳ, ଢେଙ୍କାନାଳ/ ତହସିଲଦାର, ଢେଙ୍କାନାଳ/ ସବରେଜିଷ୍ଟାର, ଢେଙ୍କାନାଳ/ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତବିଭାଗ, ଢେଙ୍କାନାଳ/ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଢେଙ୍କାନାଳ/ ନିର୍ବାହୀ ଯନ୍ତ୍ରୀ, (ଏନ. ଏଚ.) ଢେଙ୍କାନାଳ/ ବ୍ଲକ ଉନ୍ନୟନ ଅଧିକାରୀ, ସଦର, ଢେଙ୍କାନାଳ/ ଆଞ୍ଚଳିକ ପରିବହନ ଅଧିକାରୀ, ଢେଙ୍କାନାଳ/ ନିୟୋଜନ ଅଧିକାରୀ, ଢେଙ୍କାନାଳ/ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢେଙ୍କାନାଳ/ ଆରକ୍ଷୀ ଅଧିକାରୀ, ଢେଙ୍କାନା /ଅଧ୍ୟକ୍ଷ/ ଉପାଧ୍ୟକ୍ଷା ତଥା ସମସ୍ତ ପରିଷଦ ବୃନ୍ଦ, ପୌରପାଳିକା ଢେଙ୍କାନାଳଙ୍କ ବିହୀତ ଅବଗତି ନିମିତ ଜଣାଇ ଦିଆଯାଇ ଅନୁରୋଧ କରାଗଲାକି ଯେ, ସେମାନେ ଉକ୍ତ ବିଜ୍ଞାପନକୁ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରାଇବା ହେବେ |

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା 3180 ତା 17.8.25

ଏହାର ଏକକିତା ନକଲ ପରିମଳ ବିଭାଗ, ଢେଙ୍କାନାଳଙ୍କ, ପୌର କାର୍ଯ୍ୟାଳୟଙ୍କ ଗୋଚରାର୍ଥେ ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇ ଦିଆଗଲା | ଉକ୍ତ ବିଜ୍ଞାପନକୁ ଧେଣ୍ଡରା ମାଧମରେ ସମସ୍ତ ୱାର୍ଡରେ ସର୍ବସାଧାରଣଙ୍କୁ ଜଣାଇଦେବାର ବ୍ୟବସ୍ଥା କରି ଧାର୍ଯ୍ୟ ନିଲାମ ଦିବସ ପୂର୍ବରୁ କାର୍ଯ୍ୟଳୟକୁ ଜଣାଇବା ହେବେ | ଏହାର ଏକକିତ ନକଲ ସର୍ବସାଧାରଣଙ୍କ ଗୋଚରାର୍ଥେ ଅଫିସ ନୋଟିସ ବୋର୍ଡରେ ପ୍ରଦର୍ଶନ କରାଯାଇ ବିହୀତ ପ୍ରସାରଣ କରାଗଲା |

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା 3181 ତା 17.8.25

ଏହାର ଏକକିତା ନକଲ ଉପ-ସଚିବ , ଓଡିଶା ସରକାର , ଭୁବନେଶ୍ୱର ସୂଚନା ଏବଂ ପ୍ରସାରଣ ବିଭାଗ ବିଜ୍ଞାପନ ପରିଚାଳକଙ୍କୁ ଦିଆଯାଇ ଅନୁରୋଧ କରାଗଲାକି ଯେ, ଉକ୍ତ ବିଜ୍ଞାପନଟିକୁ ତାଙ୍କର ସୀମିତ ସ୍ଥାନ ମଧରେ ଦୁଇଗୋଟି ଓଡିଆ ଦୈନିକ ସମ୍ବାଦପତ୍ରରେ ଗୋଟିଏ ଦିନ ପାଇଁ ସର୍ବ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ହେବେ |

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା